# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ସୁନ୍ଦରୀ ରାଣୀ ଏଷ୍ଟର


ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen



କାହାଣି ୬୦ ରୁ ୩୦

www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି;
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ — Oriya

ପାରଶ୍ୟ ଦେଶରେ ଏଷ୍ଟର ନାମରେ ଏକ କନ୍ୟା ଥିଲା ଯେ ପରମ ସୁନ୍ଦରୀ ଥିଲା । ତାହାର ପିତାମାତାଙ୍କର ଦେହାନ୍ତ ପରେ ମର୍ଦ୍ଦଖୟ ତାହାକୁ ନିଜ କନ୍ୟା ରୁପେ ଗ୍ରହଣ କରିଥିଲେ । ଏଷ୍ଟର ମଧ୍ୟ ମର୍ଦ୍ଦଖୟଙ୍କର ଆଜ୍ଞାବହ ଓ ତାଙ୍କୁ ସମାଦର କଲେ ।



1



ଏଷ୍ଟର ପାରଶ୍ୟ ଦେଶରେ ବାସ କରୁଥିଲେ କିନ୍ତୁ ସେ ନିଜେ ପାରଶ୍ୟ ଲୋକ ନ ଥିଲେ । ସେ ଯିହୁଦୀ ବଂଶଜାତ ଥିଲା । ତାଙ୍କର ପୂର୍ବପୁରୁଷମାନେ ପାରଶ୍ୟ ଦେଶକୁ ଯୁଦ୍ଧବନ୍ଦୀ ଭାବରେ ଆସିଥିଲେ । ଏଷ୍ଟରଙ୍କ ସମୟରେ ଅନେକ ଯିହୁଦୀ ପାରଶ୍ୟରେ ବାସ କରୁଥିଲେ ।

2



ପାରଶ୍ୟର ରାଜା ଆପଣା ସକଳ ଅଧିପତି ଓ ଦାସମାନଙ୍କ ନିମନ୍ତେ ଭୋଜ ପ୍ରସ୍ତୁତ କଲା । ଏବଂ ରାଣୀ ବଷ୍ଟୀ ମଧ୍ୟ ରାଜଗୃହରେ ସ୍ତ୍ରୀମାନଙ୍କ ପାଇଁ ଭୋଜ ପ୍ରସ୍ତିତ କରିଥିଲେ । ରାଜା ଦ୍ରାକ୍ଷାରସରେ ମତ୍ତହୋଇ ରାଣୀ ବଷ୍ଟୀଙ୍କର ସୌନ୍ଦର୍ଯ୍ୟ ଦେଖାଇବା ପାଇଁ ତାହାଙ୍କୁ ରାଜ ମୂକୁଟ ପରିଧାନ କରି ରାଜାମାନଙ୍କ ଛାମୁକୁ ଆସିବାକୁ ଆଜ୍ଞା ଦେଲେ । କିନ୍ତୁ ବଷ୍ଟି ତାହାଙ୍କ ଆଜ୍ଞାରେ ଅସମ୍ମତ ଦେଲେ ।

3



ସମସ୍ତ ଭାର୍ଯ୍ୟାମାନେ ଯେପରି ଆପଣା ଆପଣା ସ୍ୱାମି ମାନଙ୍କୁ ମର୍ଯ୍ୟଦା କରିନ୍ତି ତାହା ଦେଖାଇବାକୁ, ରାଜା ଏକ ଆଜ୍ଞା ଜାରୀ କଲେ ଯାହା ବଷ୍ଟିଙ୍କଠାରୁ ତାହାର ମୁକୁଟ ଛଡ଼ାଇ ନେଲା । ପୁନଶ୍ଚ ସେ ରାଣୀ ହୋଇ ରହି ପାରିଲା ନାହିଁ ।

4



ମହାରାଜାଙ୍କ ପାଇଁ ନୂତନ ରାଣୀ କରିବାକୁ ଏକ ସୁନ୍ଦରୀ ଯୁବତୀ ଖୋଜା ଆରମ୍ଭ ହେଲା । ଦେଶର ସମସ୍ତ ସୁନ୍ଦରୀ ଯିବତୀ ଗଣଙ୍କ ମଧ୍ୟରୁ, ଏଷ୍ଟର ରାଜାର ଅନଗ୍ରହ ପାଇଲା ଓ ରାଜା ଏଷ୍ଟରକୁ ଅଧିକ ପ୍ରେମ କଲା ପୁଣି ବଷ୍ଟି ବଦଳେ ଏଷ୍ଟରକୁ ରାଣୀ କଲା । ସେ ତାହାର ମସ୍ତକରେ ରାଜମୁକୁଟ ଦେଲେ । ଏଷ୍ଟର ଯେ ଯିହୁଦୀ ତାହା ସେ ରାଜାଙ୍କୁ ଜଣାଇଲା ନାହିଁ ଯେପରି ମର୍ଦ୍ଦଖୟ ତାହାକୁ ରାଜାଙ୍କୁ ନ କହିବାକୁ କହିଥିଲେ ।

5



ସେହି ସମୟରେ ମର୍ଦ୍ଧଖୟ ଏଷ୍ଟରଙ୍କ ସମ୍ବାଦ ଜାଣିବାକୁ ରାଜଦ୍ୱାରରେ ବସି ରହିଲେ । ଦିନକରେ ରାଜଗୃହର ଦୁଇ ନପୁଂଶଂକ କ୍ରୁଦ୍ଧହୋଇ ରାଜାଙ୍କୁ ବଧ କରିବାକୁ ଯୋଜନା କଲେ, ମର୍ଦ୍ଧଖୟ ସେହି ସମ୍ବାଦ ରାଜାଙ୍କୁ ଦେବାରୁ ରାଜାଙ୍କ ଜୀବନ ରକ୍ଷା ହେଲା । ସେହି ଦୁଇ ଦାସମାନଙ୍କୁ ଫାସି ଦିଆଗଲା । ଏବଂ ମର୍ଦ୍ଧଖୟଙ୍କ ନାମ ରାଜାଙ୍କ ଇତିହାସ ପୁସ୍ତକରେ ଲିଖିତ କରାଗଲା ।

6



ରାଜା ହାମନଙ୍କୁ ଉଚ୍ଚପଦାନ୍ୱିତ କଲା, ସେ ଦେଶର ଦ୍ୱିତୀୟ ମହତ୍ୱପୂର୍ଣ୍ଣ ବ୍ୟକ୍ତି ହୋଇଗଲେ । ରାଜଦ୍ୱାରରେ ସକଳେ ତାହାକୁ ନତ ହୋଇ ପ୍ରଣାମ କଲେ । ସକଳେ ପ୍ରଣାମ କଲେ ମାତ୍ର ଜଣେ ପ୍ରଣାମ କଲା ନାହିଁ । ଯିହୁଦୀ ମାନଙ୍କ ରୀତୀ ଅନୁସାରେ ମର୍ଦ୍ଧଖୟ କେବଳ ମାତ୍ର ଜୀବିତ ପରମେଶ୍ୱରଙ୍କ ଉପାସନା କଲେ ।

7

ହାମନ୍ ମର୍ଦ୍ଧଖୟକୁ ଘୃଣା କଲା ଏବଂ ମର୍ଦ୍ଧଖୟଙ୍କ ସିହିତ ଅକ୍ଷଶ୍ୱେରଶର ରାଜ୍ୟର ସମସ୍ତ ଯିହୁଦୀୟ ଲୋକମାନଙ୍କୁ ବିନାଶ କରିବାକୁ ଚେ଼ଷ୍ଟା କଲା । କି ଭୀଷଣ? ସେହି ଦୁଷ୍ଟ ହାମନ୍ ଚ଼ତୁରତାର ସହିତ ରାଜାଙ୍କୁ ଏକ ନିୟମ ପ୍ରଣୟନ କରିବାକୁ ପ୍ରବର୍ତ୍ତାଇଲା ଯାହାଦ୍ୱାରା ଏକ ସମୟରେ ସେହିଦେଶର ସମସ୍ତ ଯିହୁଦୀ ମାନଙ୍କୁ ବିନାଶ କରାଯାଇ ପାରିବ ।



8


ତାହା ଭୟଙ୍କର ନିୟମ ଥିଲା । ସମସ୍ତ ଯିହୁଦୀ ଓ ପାରସ୍ୟ ଲୋକମାନେ କ୍ରନ୍ଦନ କଲେ । କିନ୍ତୁ ମନେରଖ - ସଦାପ୍ରଭୁ ଏଷ୍ଟରକୁ ରାଣୀ କଲେ । ସେ ମଧ୍ୟ ଯିହୁଦୀୟ ଅଟେ । ସେ ସେହି ଗୁପ୍ତବିଷୟ କି ରାଜଙ୍କୁ ଲୁଚ଼ାଇ ରଖି ପାରିବ, କିମ୍ବା ନିଜ ଜୀବନ କ୍ଷତିଭୟ ସହି ନିଜ ଲୋକମାନଙ୍କୁ ରକ୍ଷା କରିବ?
9
ସଦାପ୍ରଭୁ ଏଷ୍ଟରକୁ ଚ଼ତୁର ଧାରଣା ପ୍ରଦାନ କଲେ । ସେ ରାଜା ଓ ହାମନଙ୍କୁ ଭୋଜନ କରିବାକୁ ନିଜ ଗୃହକୁ ନିମନ୍ତ୍ରଣ କଲେ । ମହାରାଜ ଓ ହାମନ୍ କାଲି ମୋ ପ୍ରସ୍ତୁତ କରିଥିବା ଭୋଜକୁ ଆସନ୍ତୁ, ମୁଁ କାଲି ମହାରାଜଙ୍କ ଆଜ୍ଞାନିସାରେ କହିବି, ଏଷ୍ଟର କହିଲେ ।
10
ସେହିସମୟରେ, ମର୍ଦ୍ଧଖୟକୁ ଫାସି ଦେବାକୁ ହାମନ୍ ଏକ ପଚ଼ାଶ ହାତ ଉଚ୍ଚ ଫାସିକାଠ ପ୍ରସ୍ତୁତ କଲେ ।
11
ସେହି ରାତ୍ରୀରେ ରାଜା ଶୟନ କରି ପାରିଲେ ନାହିଁ, ଏଣୁ ସେ ସ୍ମରଣୀୟ ଇତିହାସ ପୁସ୍ତକ ପାଠ କରି ଜାଣି ପାରିଲେ ଯେ ରାଜାଙ୍କ ଜୀବନ ବଞ୍ଚାଇବା କାରଣରେ ମର୍ଦ୍ଧଖୟକୁ କଦାପି ପୁରସ୍କୃତ କରାଯାଇନାହିଁ ।
12
ପରଦିନ ସକାଳେ, ରାଜା ହାମନଙ୍କୁ ପଚ଼ାରିଲେ, ରାଜା ଯାହାକୁ ସନ୍ମାନ କରିବାକୁ ତୁଷ୍ଟ ହୁଅନ୍ତି, ତାହାପ୍ରତି କଅଣ କରାଯିବ, ହାମାନ୍ ଖୁସି ହେଲେ । ସେ ମନେ ମନେ ଭାଳିଲା ମୋ ବିନୁ ଆଉ କାହାକୁ ରାଜା ସନ୍‌ମାନ କରିବାକୁ ତୁଷ୍ଟ ହେବେ ।
13
ହାମାନ୍ ପ୍ରସ୍ତୁତ କରିଥିବା ଫାଶୀକାଠରେ ମର୍ଦଖୟକୁ ଫାଶୀ ଦେବା ପାଇଁ ରାଜାଙ୍କୁ କହିବା ନିମନ୍ତେ ରାଜଗୃହର ବାହରେ ପ୍ରାଙ୍ଗଣକୁ ଆସିଲା । ଫାଶୀକାଠ ପ୍ରସ୍ତୁତ ଥିଲା । ବର୍ତ୍ତମାନ୍ ତାହା ଜଗିପାରିବ । ଉତ୍ତେଜିତ ଭାବରେ ସେ ନିଜର ପ୍ରସ୍ତାବ କହିଚ଼ାଲିଲା । ମହାରାଜାଙ୍କ ପରିଧେୟ ରାଜକୀୟ ବସ୍ତ୍ର ଓ ମୁକୁଟ ତାହାକୁ ପିନ୍ଧାଉନ୍ତୁ ।
14

ତାହାଙ୍କୁ ରାଜକୀୟ ଅଶ୍ୱରେ ବସାଯାଉ । ଓ ତାହା ମହାରାଜାର ଏକ ପ୍ରଧାନ ଅଧିପତିର ହସ୍ତରେ ଦିଆଯଆଉ ଓ ସେ ଏହାଙ୍କୁ ନଗର ଦାଣ୍ଡରେ ତାହାଙ୍କୁ ଲୋକଙ୍କ ଦୃଷ୍ଟି ଗୋଚ଼ର କରାଯାଉ । ରାଜା ହାମନଙ୍କୁ ଆଜ୍ଞା କଲେ ତୁମ୍ଭେ ଯେପରି କହିଲ ଶିଘ୍ର ଯାଇ ସେହି ଯିହୁଦୀ, ମର୍ଦ୍ଧଖୟ ନିମନ୍ତେ ତାହା କର, ସେଥିରୁ କିଛିହିଁ ଉଣା କରନାହିଁ ।



15

ତୁମେକି ମନେକର ହାମନ୍ ଯେତେବେଳେ ମର୍ଦ୍ଧଖୟଙ୍କୁ ଭକ୍ତିର ସହିତ ନଗର ପରିକ୍ରମା କରାଇ ନିଜ ମନରେ କଅଣ ଭାବିଲା, ସେ ମର୍ଦ୍ଧଖୟଙ୍କୁ ପୂର୍ବଠାରୁ ମଧ୍ୟ ଅଧିକ ଘୃଣା କଲା । ଟିକିଏ ରୁହ, ହାମନ୍ ଚ଼ିନ୍ତା କରିଥାଇ ପାରନ୍ତି । ଅତିଶିଘ୍ର ସେ ଅନ୍ୟ ଯିହୁଦୀମାନଙ୍କ ସହିତ ମରିବାକୁ ଯାଉଛନ୍ତି ।



16

ପରେ ସେହିଦିନ, ହାମନ୍ ରାଜାଙ୍କ ସହିତ ଭୋଜନ ନିମନ୍ତେ ରାଣୀ ଏଷ୍ଟରଙ୍କ ଗୃହରେ ଯାଇ ପହଞ୍ଚିଲେ । ତୁମ୍ଭର ନିବେଦନ କଅଣ? ରାଜା ରାଣୀ ଏଷ୍ଟରଙ୍କୁ ପଚ଼ାରିଲେ । ସେ ତାଙ୍କର ପ୍ରତିଜ୍ଞା ଭୁଲିଯାଇନାହାନ୍ତି । ରାଣୀ ହାମନଙ୍କୁ ଦେଖାଇ ତାହାର ସମସ୍ତ ଦୁଷ୍ଟ ଯୋଜନା ବିଷୟରେ ରାଜାଙ୍କୁ ଅନୁଯୋଗ କଲା । ତାହାଙ୍କୁ ଫାଶୀ ଦିଅ, ରାଜା କହିଲେ ।



17

ରାଜା ଅନ୍ୟଏକ ନିୟମ ପ୍ରଣୟନ କଲେ ଯାହାଦ୍ୱାର ଯୀହୁଦୀମାନେ ନିଜର ଆତ୍ମରକ୍ଷା କରି ପାରିଲେ । ସେମାନେ ବଞ୍ଚିଗଲେ, ମର୍ଦ୍ଧଖୟ ଦେଶରେ ରାଜାଙ୍କ ପରେ ରାଜାଙ୍କର ଦ୍ୱୀତୀୟ ସ୍ଥାନର ବସିଲେ ଏବଂ ସମସ୍ତ ଯିହୁଦୀମାନେ ଆନନ୍ଦକଲେ ଓ ଏକ ଆରକେ ଉପହାର ପ୍ରଦାନ କଲେ । ଏବେମଧ୍ୟ, ଯିହୁଦୀମାନେ ସେହି ଘଟଣାକୁ ମନେ ପକାନ୍ତି କିପରିଭାବରେ ସଦାପ୍ରଭୁ ସେମାନଙ୍କୁ ରାଣୀ ଏଷଟରଙ୍କ ଦ୍ୱାରା ରକ୍ଷା କଲେ ।



18

ସୁନ୍ଦରୀ ରାଣୀ ଏଷ୍ଟର

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଏଷ୍ଟର

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

**ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।**

**ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।**

**ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)**

**ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।**